To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ
S A K A L A
ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ଭାରତ ଓ ଇଜ୍ରାଏଲ ଇସ୍ଲାମ୍ ବିରୋଧି : ଆସିଫ୍ ଖ୍ୱାଜା

R.N.I. No.-42041/83 Vol-15, Issue No.200, ଭଦ୍ରକ, ଶନିବାର, ୨୦, ଜାନୁୟାରୀ ୨୦୧୮ ■ Bhadrak, Saturday, 20 January 2018 Rs. 2.00 Pages-8

୨୦ ବିଧାୟକ ଅଯୋଗ୍ୟ

- ଦିଲ୍ଲୀ ରାଜନୀତିରେ ଝଡ଼
- ଆମ୍ ଆଦମି ପାର୍ଟିକୁ ହାଇକୋର୍ଟଙ୍କ ଝଟ୍‌କା
- ନିର୍ବାଚନ ଆୟୋଗ ରାଷ୍ଟ୍ରପତିଙ୍କୁ ପଠାଇଲେ ସୁପାରିସ
- ପରବର୍ତ୍ତୀ ଶୁଣାଣି ସୋମବାର : ହାଇକୋର୍ଟ



ନୂଆଦିଲ୍ଲୀ, ୧୯।୧ : ନିର୍ବାଚନ ଆୟୋଗ ପକ୍ଷରୁ ନିଜର ୨୦ ଜଣ ବିଧାୟକଙ୍କୁ ଅଯୋଗ୍ୟ ଘୋଷିତ କରିବା ବିରୁଦ୍ଧରେ ଦିଲ୍ଲୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିବା ଆମ୍ ଆଦମୀ ପାର୍ଟି(ଆପ୍)କୁ ଜୋରଦାର ଝଟକା ଲାଗିଛି । ଏହି ମାମଲାରେ କୋର୍ଟ ଆପର ବିଧାୟକଙ୍କୁ କଡ଼ା ତାସଲ୍ୟ କରି କହିଛନ୍ତି ଯେ ଆପଣ ସଠିକ୍ ସମୟରେ ନିର୍ବାଚନ ଆୟୋଗଙ୍କ ପାଖକୁ ଗଲେ ନାହିଁ କି ଆୟୋଗର ନୋଟିସର ଜବାବ ମଧ୍ୟ ଦେଲେ ନାହିଁ । କୋର୍ଟ କହିଛନ୍ତି ଯେ ଯେତେବେଳେ ଆପଣଙ୍କୁ ଡକାଗଲା ସେତେବେଳେ ମଧ୍ୟ ଗଲେ ନାହିଁ । ତେଣୁ ଏବେ ଆୟୋଗ ମାମଲାରେ ନିଷ୍ପତ୍ତି ନେବା ପାଇଁ ସ୍ୱତନ୍ତ୍ର । ଆପର ତର୍କ ଏହା ଯେ ଏହି ମାମଲାରେ ନିର୍ବାଚନ ଆୟୋଗ ନିଷ୍ପତ୍ତି ନେବାର ଅଧିକାର ନାହିଁ । ହାଇକୋର୍ଟ ମଧ୍ୟ ଏହି ମାମଲାରେ ଆୟୋଗଙ୍କଠୁ ଜବାବ ମାଗିଛନ୍ତି । ପ୍ରଶ୍ନ ମଧ୍ୟ କରିଛନ୍ତି ଯେ କଣ ପାର୍ଟିକୁ କୌଣସି ପରାମର୍ଶ ଦିଆଯାଇଥିଲା ।

ଶୁଣାଣି ସମୟରେ ଅଦାଲତରେ ପାର୍ଟିର ଛଅ ବିଧାୟକ ଉପସ୍ଥିତ ଥିଲେ । ପାର୍ଟିର କହିବା କଥା ଯେ ଯେତେବେଳେ ହାଇକୋର୍ଟ ବହୁତ ସମୟ ପୂର୍ବରୁ ସ୍ୱୀକାର କରିଥିଲା ଯେ ବିଧାୟକ ସଂସଦୀୟ ସଚିବ ନୁହନ୍ତି, ତେବେ ଏହି ମାମଲାରେ ତାଙ୍କର ବିଧାୟକ ଉପରେ କେମିତି କାର୍ଯ୍ୟାନୁଷ୍ଠାନ ହୋଇପାରିବ । ନିର୍ବାଚନ ଆୟୋଗ ଲାଭ ଜନକ ପଦ ମାମଲାରେ ଦିଲ୍ଲୀରେ କ୍ଷମତାରେ ଥିବା ଆପର ୨୦ ଜଣ ବିଧାୟକଙ୍କ ଅଯୋଗ୍ୟ ଘୋଷିତ କରିଥିଲେ । ଆୟୋଗ ନିଜ ରିପୋର୍ଟ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ପାଖକୁ ପଠାଇ ସାରିଛି । ଏବେ ସମସ୍ତଙ୍କର ନଜର ରାଷ୍ଟ୍ରପତିଙ୍କ ଉପରେ ରହିଛି । ରାଷ୍ଟ୍ରପତି ଏହି ମାମଲାରେ ଅନ୍ତିମ ମୋହର ଲଗାଇବେ । ଯଦି ଏହି ବିଧାୟକଙ୍କୁ ଅଯୋଗ୍ୟ ଘୋଷିତ କରାଯାଏ ତେବେ ଦିଲ୍ଲୀରେ ସେହି ସିଟ୍ ଗୁଡିକରେ ପୁର୍ନବାର ନିର୍ବାଚନ ହୋଇପାରେ । ମାତ୍ର ଏହା ନିଶ୍ଚିତ ଯେ ୨୦ ବିଧାୟକଙ୍କ ସଦସ୍ୟତା ଚାଲି ଯିବା ପରେ ମଧ୍ୟ ୬୭ ସିଟର ବମ୍ପର ବିଜୟ ସହିତ ସରକାର ଗଠନ କରିଥିବା କେଜ୍ରିଓ୍ୱାଲ ସରକାର ଜାରି ରହିବ । ଉଲ୍ଲେଖଯୋଗ୍ୟ କେଜ୍ରିଓ୍ୱାଲ ସରକାର ନିଜର ମନ୍ତ୍ରୀମାନଙ୍କ ପାଇଁ ବିଧାୟକଙ୍କୁ ସଂସଦୀୟ ସଚିବ ପଦରେ ଅବସ୍ଥାପିତ କରିଥିଲେ । ଲାଭଜନକ ପଦ' ଦେବା ଏହି ମାମଲାରେ ଉକ୍ତ ସଦସ୍ୟଙ୍କ ସଦସ୍ୟତା ବାତିଲ କରିବାକୁ ଯାଚିକା ଦାୟର କରାଯାଇଥିଲା । ମାତ୍ର ପାର୍ଟି ଏହାକୁ ବାରମ୍ବାର ରାଜନୈତିକ ପ୍ରେରିତ ମାମଲା ଦର୍ଶାଇ ଆସିଥିଲା । ପାର୍ଟିକୁ ଲାଭ ଜନକ ପଦ ମାମଲାରେ ନିର୍ବାଚନ ଆୟୋଗଙ୍କଠୁ ପ୍ରଥମରୁ ଝଟକା ଲାଗିଥିଲା । ନିର୍ବାଚନ ଆୟୋଗ ୨୧ ବିଧାୟକଙ୍କ ସେହି ଯାଚିକାକୁ ଖାରଜ କରିଥିଲା ଯେଉଁଥିରେ ସେମାନଙ୍କ ବିରୋଧରେ ଦାୟର ଯାଚିକାକୁ ଖାରଜ କରିବାକୁ ଅପିଲ **(ପୃଷ୍ଠା-୭)**

ନବୀନଙ୍କୁ ମିଳିବ ଆଦର୍ଶ ମୁଖ୍ୟମନ୍ତ୍ରୀ ସମ୍ମାନ

ଭୁବନେଶ୍ୱର, ୧୯।୧(ସକାଳଖବର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଦର୍ଶ ମୁଖ୍ୟମନ୍ତ୍ରୀ (ଆଇଡିଆଲ୍ ଚିପ୍ ମିନିଷ୍ଟର) ସମ୍ମାନ ପାଇବାକୁ ମନୋନୀତ ହୋଇଛନ୍ତି । ଭାରତୀୟ ଛାତ୍ର ସଂସଦ ଫାଉଣ୍ଡେସନ୍ ଓ ଏମ୍ଆଇଟି ୱାର୍ଲଡ୍ ପିସ୍ ୟୁନିଭରସିଟି ପକ୍ଷରୁ ନବୀନଙ୍କୁ ଏହି ସମ୍ମାନ ଦିଆଯିବ । ଆସନ୍ତା ୨୧ରେ ପୁନେସ୍ଥିତ ବିଶ୍ୱବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ଉତ୍ସବରେ ପୂର୍ବତନ ରାଷ୍ଟ୍ରପତି ପ୍ରତିଭାଦେବୀ ସିଂହ ପାଟିଲ୍ ନବୀନଙ୍କୁ ଏହି ସମ୍ମାନ ପ୍ରଦାନ କରିବେ । କରିବେ । ଭାରତୀୟ ଛାତ୍ର ସଂସଦ ଫାଉଣ୍ଡେସନ୍ ପକ୍ଷରୁ କୁହାଯାଇଛି, ସମସାମୟିକ ରାଜନୀତିଜ୍ଞଙ୍କ ମଧ୍ୟରେ ନବୀନଙ୍କ ବ୍ୟକ୍ତିତ୍ୱ ଓ ଦକ୍ଷତା ଭିନ୍ନ ଓଡ଼ିଶାର ଆର୍ଥିକ ଅଭିବୃଦ୍ଧିରେ ତାଙ୍କ ଯୋଗଦାନ ଅତୁଳନୀୟ । ନବୀନଙ୍କ ସ୍ୱଚ୍ଛ ଶାସନ, ଉଚ୍ଚ ପ୍ରଶାସନ, ଉତ୍ତରଦାୟୀ ଶାସନ ବ୍ୟବସ୍ଥା ଓ ନୂତନ ଯୋଜନା ତାଙ୍କୁ ଜଣେ ସ୍ୱତନ୍ତ୍ର ମୁଖ୍ୟମନ୍ତ୍ରୀ ଭାବେ ପରିଚିତ କରାଇପାରିଛି । ସୂଚନାଯୋଗ୍ୟ ପୂର୍ବରୁ ନବୀନ ଆଉଟ୍‌ଲୁକ୍ ପତ୍ରିକା ଦ୍ୱାରା ୨୦୧୭ ମସିହାରେ ଭାରତର ଶ୍ରେଷ୍ଠ ପ୍ରଶାସକ ମୁଖ୍ୟମନ୍ତ୍ରୀ ଭାବରେ ସମ୍ମାନିତ ହୋଇଛନ୍ତି ।

ସମୁଦ୍ରରେ ବୁଡିଗଲେ ୨ କ୍ରିକେଟ ଖେଳାଳି

ପୁରୀ, ୧୯।୧(ସକାଳଖବର): ପୁରୀ ସ୍ୱର୍ଗଦ୍ୱାର ଚୈତନ୍ୟ ଛକ ବେଳାଭୂମି ନିକଟରେ ଆଜି ଅପରାହ୍ନରେ ଗାଧୋଉଥିବା ବେଳେ ଭାସିଯାଇ ଦୁଇ ଛାତ୍ର ନିଖୋଜ ଅଛନ୍ତି । ସମୁଦ୍ର କୂଳ ଥାନା ପୋଲିସ, ଅଗ୍ନିଶମ ବିଭାଗ, ଲାଇଫ ଗାର୍ଡଙ୍କ ପକ୍ଷରୁ ସେଠାରେ ତଲାସୀ ଅଭିଯାନ ଜାରୀ ରହିଛି ।

ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଆସନ୍ତାକାଲି ଭୁବନେଶ୍ୱରର ଏକ ଘରୋଇ ଶିକ୍ଷାନୁଷ୍ଠାନକୁ ଖେଳିବାକୁ ଆସିଥିବା ଏହି ଛାତ୍ରମାନଙ୍କ ମଧ୍ୟରୁ ୮ଜଣ ଅପରାହ୍ନ ପ୍ରାୟ ସାଢ଼େ ୨ଟା ସମୟରେ ସ୍ୱର୍ଗଦ୍ୱାର ଚୈତନ୍ୟ ଛକ ନିକଟ ବେଳାଭୂମିରେ ସମୁଦ୍ର ସ୍ନାନ କରୁଥିବା ବେଳେ ଘଟିଥିଲା ଏହି ଅଘଟଣ । ସେମାନଙ୍କ ମଧ୍ୟରୁ ୪ ଜଣ ଭାସି ଯାଇଥିଲେ । ୨ ଜଣଙ୍କୁ ନିକଟରେ ଉପସ୍ଥିତ ଥିଲା ଲାଇଫ୍ ଗାର୍ଡ ଉଦ୍ଧାର କରିଥିବା ବେଳେ ଅନ୍ୟ ଦୁଇ ଜଣ ନିଖୋଜ ହୋଇଯାଇଥିଲେ । ନିଖୋଜ ଦୁଇ ଛାତ୍ର ହେଲେ ରାଉରକେଲାର ଯଦୁମଣି ଶେଖର ବଢ଼ା (୧୯) ଏବଂ ଆକାଶ ଖାକା (୨୧) । ଏ ସମ୍ପର୍କରେ ସୂଚନା ପାଇ ସମୁଦ୍ର କୂଳ ଥାନା ପୋଲିସ, ଅଗ୍ନିଶମ ବିଭାଗ କର୍ମଚାରୀ, ଲାଇଫ ଗାର୍ଡ ମାନେ ସେଠାରେ ପହଂଚି ତଲାସୀ ଅଭିଯାନ ଜାରୀ ରଖିଛନ୍ତି । ଶେଷ ଖବର ସୁଦ୍ଧା ନିଖୋଜ ଛାତ୍ରଙ୍କ ସମ୍ପର୍କରେ କୌଣସି ସୂଚନା ମିଳିପାରିନାହିଁ ।

କୋଟିଆକୁ ଆରମ୍ଭ ହେଲା ବସ୍ ସେବା

କୋରାପୁଟ,୧୯।୧(ସକାଳଖବର) : କୋରାପୁଟ ଜିଲ୍ଲା ପଟାଙ୍ଗୀ ବ୍ଲକ କୋଟିଆରରେ ଆନ୍ଧ୍ର ପ୍ରଦେଶର ଅନୁପ୍ରବେଶକୁ ଦେଖି ତତ୍ପର ହୋଇପିଛନ୍ତି ରାଜ୍ୟ ସରକାର । ପ୍ରଶାସନର ନଜର ଆଢୁଆଳରେ ରହିଥିବା କୋଟିଆକୁ ଆଜିଠାରୁ ବିଜୁ ଗାଁ ଗାଡି ଚଳାଚଳ ଆରମ୍ଭ କରିଛି । ପଟ୍ଟାଙ୍ଗୀ ବିଧାୟକ ପ୍ରଫୁଲ୍ଲ ପାଙ୍ଗୀ କୁନ୍ଦୁଲିରୁ ବସ୍ ଚଳାଚଳର ଶୁଭାରମ୍ଭ କରିଛନ୍ତି । ଆଜି ପୂର୍ବାହ୍ନରେ ବସ୍‌ର ଉଦଘାଟନ ହୋଇଥିବା ବେଳେ ୨୮ଜଣ ଯାତ୍ରୀଙ୍କୁ ନେଇ ବସ୍ ବାହାରିଛି । ୩୫ ଟି ସିଟ୍ ବିଶିଷ୍ଟ ବସଟି କୁନ୍ଦୁଲିରୁ ପୂର୍ବାହ୍ନ ୧୦ ଟାରେ ବାହାରି କୋଟିଆ ପର୍ଯ୍ୟନ୍ତ ଯିବ ଓ ସେଠାରେ ଆଜି ରାତିରେ ରହିବ । ଏହି ବସ୍ ଚଳାଚଳ ଦ୍ୱାରା ପ୍ରାୟ ୨୧ଟି ଗାଁର ଲୋକଙ୍କ ଅସୁବିଧା ଦୂର ହେବ ବୋଲି ଆଶା ରଖାଯାଇଛି । ଆଜିଠାରୁ ଆରମ୍ଭ ହେଉଥିବା ପ୍ରଥମ ବସସେବାରେ ଆଜି ଏହି ବସରେ ବିଧାୟକଙ୍କ ସହ ଜନ ପ୍ରତିନିଧି ଓ ଅଧିକାରୀମାନେ କୋଟିଆ ଗସ୍ତ କରିଥିବା ସୂଚନା ମିଳିଛି । ଅନ୍ୟପକ୍ଷରେ କୋଟିଆରେ ୨୧ଟି ଗାଁ ଗୁଡିକୁ ଆନ୍ଧ୍ର ସରକାର ହାତେଇବାକୁ ଚେଷ୍ଟା କରୁଥିବାବେଳେ ଏଥିରେ ରୋକ ଲାଗିଛି । କୋଟିଆ ଯିବା ପାଇଁ ଟାଉ ପଦରରେ ଏକ ତନଖି ଫାଟକ ଲଗାଇଛି ପ୍ରଶାସନ । ଏହି ମୁଖ୍ୟ ରାସ୍ତାରେ ଯାଉଥିବା ସମସ୍ତ ଗାଡିକୁ ଏଠାରେ ଯାଂଚ କରାଯିବ ।

ପଦ୍ମ ଧରିବେ ଅଭିନେତା, ରାଜନେତା

ବିଜେପିରେ ମିଶିବେ ମିହିର ଦାସ, ଅନୁଚୌଧୁରୀ, ରମାରଂଜନ ବଳିଆର ସିଂହ

ଭୁବନେଶ୍ୱର,୧୯।୧(ସକାଳଖବର) : ଆସନ୍ତାକାଲି ବିଜେପି ରାଜ୍ୟ କାର୍ଯ୍ୟାଳୟରେ ବିଧିବଦ୍ଧ ଭାବରେ ଦଳରେ ଯୋଗଦାନ କରିବେ ଓଡିଆ ଅଭିନେତା ମିହିର ଦାସ, ଅଭିନେତ୍ରୀ ଅନୁ ଚୌଧୁରୀ ଏବଂ ବିଜେଡିର ପୂର୍ବତନ ବିଧାୟକ ରମାରଂଜନ ବଳିୟାର ସିଂହ । ଏହାକୁ ନେଇ ଆଜି ବିଜେପି ମୁଖପାତ୍ର ଆଜି ପୀତାମ୍ବର ଆଚାର୍ଯ୍ୟ ସୂଚନା ଦେଇଛନ୍ତି । ପୂର୍ବରୁ ବିଜେଡିରେ ଯୋଗଦାନ କରିଥିବା ବରିଷ୍ଠ ଫିଲ୍ମ ଅଭିନେତା ମିହିର ଦାସ ଆସନ୍ତାକାଲି ଏହି କାର୍ଯ୍ୟକ୍ରମରେ ବିଜେପିରେ ସାମିଲ ହେବେ । ସେ ଆଜି ଗଣମାଧ୍ୟମ ସହ ଏକ ସାକ୍ଷାତକାରରେ ବିଜେଡିର ଚଳଣୀ ତାଙ୍କୁ ଭଲ ଲାଗିଲା ନାହିଁ କହିବା ସହ ମୋଦିଙ୍କ ଭଳି ଜଣେ ନେତାଙ୍କ ପାଇ ଭାରତର ଭାଗ୍ୟ ନିଶ୍ଚିତ ବଦଳିବ କହିଛନ୍ତି । ସେହିପରି ଅଭିନେତ୍ରୀ ଅନୁ ଚୌଧୁରୀ ପ୍ରତିକ୍ରିୟା ରଖି ମୋଦିଙ୍କ ଆଦର୍ଶରେ ସେ **(ପୃଷ୍ଠା-୭)**

ଜମି ଭାଗବଣ୍ଟା ପ୍ରସଙ୍ଗରେ ନୂତନ ନିର୍ଦ୍ଦେଶ ନାମା

ଭୁବନେଶ୍ୱର, ୧୯।୧(ସକାଳଖବର): ଓଡ଼ିଶା ଭୂସଂସ୍କାର ଆଇନ ୧୯୬୦ର ଧାରା ୧୯(୧) (ସି) ଅନ୍ତର୍ଗତ ମାମଲାଗୁଡ଼ିକର ତ୍ୱରିତ ଫଇସଲା ଦିଗରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି । ଯେଉଁସବୁ ପରିବାରରେ ଜମିଜମା ସଂପତିର ବିଭାଜନ ନିମନ୍ତେ ସଂପୃକ୍ତ ସଦସ୍ୟସଦସ୍ୟାମାନେ ସ୍ୱେଚ୍ଛାରେ ସ୍ୱୀକୃତିପତ୍ର ପ୍ରଦାନ କରିଛନ୍ତି, ସେସବୁ କ୍ଷେତ୍ରରେ ତହସିଲଦାରମାନଙ୍କୁ ନିଜ ଆଡ଼ୁ ମାମଲା ଦରଜ କରି ଏହାର ଫଇସଲା କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି । ୧୯୭୦ ଏବଂ ୧୯୮୦ ମସିହାରେ ବନ୍ଦୋବସ୍ତ ପରେ ବହୁ ମାମଲାରେ ଜମି ବିଭାଜନ ନ ହୋଇପାରିବା ଫଳରେ ପରିବାରରେ ବିବାଦ ଉପୁଜିବା ଏବଂ **(ପୃଷ୍ଠା-୭)**

ବ୍ୟବସାୟୀଙ୍କୁ ଗୁଳି କରି ହତ୍ୟା

ବାରିପଦା,୧୯।୧(ସକାଳଖବର): ବାରିପଦା ସହରରେ ଗୁରୁବାର ବିଳମ୍ବିତ ରାତିରେ ଦୁର୍ବୃତଙ୍କ ଗୁଳିରେ ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି । ବାରିପଦା ପୌରପରିଷଦ ମଧ୍ୟଦେଇ ଯାଇଥିବା ୧୮ ନମ୍ବର ଜାତୀୟ ରାଜପଥର ପାଲବଣି-ତକତପୁର ରାସ୍ତାର ପାର୍ଶ୍ୱରେ ଥିବା ଶୁକଯୋଡ଼ ନଦୀ କୂଳରେ ତଥା ବାରିପଦା ସଦର ଥାନା ନିକଟରୁ ପ୍ରାୟ ୫୦୦ ମିଟର ବ୍ୟବଧାନ ମଧ୍ୟରେ ଏହି ହତ୍ୟାକାଣ୍ଡ ଘଟିଛି ।

ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି, ବାରିପଦା ପୌରପରିଷଦର ୱାର୍ଡ଼ ନମ୍ବର ୧୧ ନହରପଦାର ପରିତୋଷ ଗୁଡ଼ିଆ ଦାସଙ୍କ ପୁଅ ପାର୍ଥ ସାରଥୀ ଦାସ ସ୍ଥାନୀୟ ଷ୍ଟେସନବଜାର ରୋଡ଼ରେ ଉପହାର ନାମରେ ଏକ ଷ୍ଟେସନାରୀ ଦୋକାନ କରିଥିଲେ । ଗତକାଲି ରାତି ପ୍ରାୟ ୧୦.୪୫ ମିନିଟ ସମୟରେ ସେ ନିଜର ଦୋକାନ ବନ୍ଦ କରିଥିଲେ । କିନ୍ତୁ ଏହାପରେ ସେ ଆଉ ଘରକୁ ଫେରି ନ ଥିଲେ । ପରିବାରର ସଦସ୍ୟମାନେ ପାର୍ଥଙ୍କ ମୋବାଇଲକୁ ଫୋନ କଲେ ମଧ୍ୟ କୌଣସି ଉତର ମିଳିପାରି ନ ଥିଲା । ଘରେ ସ୍ତ୍ରୀ ଅନୁପ୍ରିୟା ଦାସଙ୍କ ସହିତ ପୁଅ, ଝିଅ, ବାପା, ମା ଓ ପରିବାରର ଅନ୍ୟ ସମସ୍ତ ସଦସ୍ୟମାନେ ପାର୍ଥଙ୍କ ଫେରିବାକୁ ଅପେକ୍ଷା କରି ରହିଥିବା ବେଳେ ଶୁକ୍ରବାର ସକାଳ ସମୟରେ ଏକ ଯୁବକ ବୁଲେଟ ବାଇକ ସହିତ ପାଲବଣି ଜାତୀୟ ରାଜପଥ ପାର୍ଶ୍ୱରେ ଗୁଳିବିଦ୍ଧ ଅବସ୍ଥାରେ ମରି ପଡ଼ିଥିବାର ଖବର ପହଁଚିଥିଲା । ଖବରପାଇବା ମାତ୍ରେ ସ୍ଥାନୀୟ ସେଂଟ ଜେଭିୟର ବିଦ୍ୟାଳୟରେ **(ପୃଷ୍ଠା-୭)**

ଦୁତି ଚାନ୍ଦଙ୍କୁ ସାମୟିକ ଆଶ୍ୱସ୍ତି

- ➲ ସିଏଏସ୍‌ର ସ୍ଥଗିତାଦେଶ
- ➲ ଆଇଏଏଏଫ୍ ଲଗାଇଥିଲା କଟକଣା

ଭୁବନେଶ୍ୱର, ୧୯।୧(ସକାଳଖବର): ଅନ୍ତର୍ଜାତୀୟ ଆଥଲେଟିକ୍ ମହାସଂଘ(ଆଇଏଏଏଫ୍)ର ଆଣ୍ଡ୍ରୋଜେନ୍ ହରମୋନ୍ କଟକଣାକୁ ପୁଣି ୬ ମାସ ସସ୍‌ପେଣ୍ଡ କରିଛନ୍ତି କୋର୍ଟ ଅଫ୍ ଆର୍ବିଟ୍ରେସନ ଫର୍ ସ୍ପୋର୍ଟ (ସିଏଏସ୍) । ମାମଲାର ଶୁଣାଣି କରି ସୁଇଜରଲାଣ୍ଡସ୍ଥିତ ସର୍ବୋଚ୍ଚ କ୍ରୀଡା ଅଦାଲତ ସିଏଏସ୍ ଆଜି ଏହି ନିର୍ଦ୍ଦେଶ ଦେଇଛନ୍ତି । ଫଳରେ ଓଡ଼ିଆ ଦୌଡ଼ରାଣୀ ଦୁତି ଚାନ୍ଦଙ୍କୁ ସାମୟିକ ଆଶ୍ୱସ୍ତି ମିଳିଛି । ପୂର୍ବରୁ ୨୦୧୫ ମସିହା ଜୁଲାଇ ୨୪ ତାରିଖରେ ସିଏଏସ୍ ଏହି ହରମୋନ୍ ଦ୍ୱାରା ମହିଳା ଆଥଲେଟଙ୍କ ପ୍ରଦର୍ଶନ କିଭଳି ପ୍ରଭାବିତ ହୋଇଥାଏ । ସେ ସମ୍ପର୍କରେ ଦୁଇ ବର୍ଷ ମଧ୍ୟରେ ଏକ ରିପୋର୍ଟ ଦେବା ଲାଗି ଆଇଏଏଏଫ୍‌କୁ ନିର୍ଦ୍ଦେଶ ଦେଇଥିଲେ । ତେବେ ଏନେଇ ଆଇଏଏଏଫ୍ ପକ୍ଷରୁ ଦାଏର ରିପୋର୍ଟରେ ସଂଶୋଧିତ ହରମୋନ କଟକଣା ସମ୍ପର୍କରେ ଉଲ୍ଲେଖ କରାଯାଇଥିଲା । ଏଥିସହ ଏହା ୪୦୦ ମିଟର ଓ ଏକ ମାଇଲ୍ ରେସ୍ କ୍ଷେତ୍ରରେ ଲାଗୁ ହେବ ବୋଲି ଉଲ୍ଲେଖ କରାଯାଇଥିଲା । ତେବେ ଦୁତି ଆଣ୍ଡ୍ରୋଜେନ୍ ହରମୋନ୍ ସମ୍ପର୍କିତ ଆଇଏଏଏଫ୍‌ର ସଂଶୋଧିତ କଟକଣାକୁ ବିରୋଧ କରିଥିଲେ । ଅନ୍ୟପକ୍ଷରେ ମାମଲାରେ ଅଧିକ ପ୍ରମାଣ ଦେବାକୁ ସିଏଏସ୍, ଆଇଏଏଏଫ୍‌କୁ କହିବା ସହ ଆଣ୍ଟି ଆଣ୍ଡ୍ରୋଜେନ ହରମୋନ କଟକଣାର ଅବଧିକୁ ଆହୁରି ୬ ମାସ ବୃଦ୍ଧି କରିଛନ୍ତି । ୨୦୧୪ ରାଜ୍ୟ **(ପୃଷ୍ଠା-୭)**

ପଲିଥିନ ଉପରେ ବିଏମ୍‌ସି କଟକଣା

ଭୁବନେଶ୍ୱର, ୧୯।୧(ସକାଳଖବର): ପଲିଥିନ ବ୍ୟବହାର ନେଇ ବହୁ ଦିନ ଧରି ଜନ ସଚେତନତା ସୃଷ୍ଟି କରାଯାଉଥିଲେ ମଧ୍ୟ ତାହା ବର୍ତ୍ତମାନ ପର୍ଯ୍ୟନ୍ତ ଫଳପ୍ରଦ ହୋଇ ପାରିନାହିଁ । କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ୨୦୧୬ରେ ସଂଶୋଧନ କରି କେତେକ କଟକଣା ଜାରି କରିଥିବାବେଳେ ଏହା କାର୍ଯ୍ୟକାରୀ ହେଉ ନ ଥିବାରୁ ନିୟମକୁ କଡାକଡି କରିବା ପାଇଁ ବିଏମସି ଏଣିକି ଅଣ୍ଟା ଭିଡିଛି । ପଲିଥିନ ନେଇ ବିଏମସି କଟକଣା ଜାରି କରିଛି । ପଲିଥିନ ବ୍ୟବହାରକାରୀ ଦୋକାନୀମାନେ ଏଣିକି ବିନା ପଞ୍ଜିକରଣରେ ରଖିଲେ ଜୋରିମାନା ଗଣିବେ ବୋଲି ବିଏମସି ପକ୍ଷରୁ ସୂଚନା ଦିଆଯାଇଛି । ରାଜଧାନୀରେ ନିର୍ଦ୍ଦିଷ୍ଟ ମାନର ପଲିଥିନ ବ୍ୟବହାର ହେଉ ନ ଥିବାବେଳେ ଚାରିଆଡେ ମାଳମାଳ ପଲିଥିନ ନେଇ ପରିବେଶ ଓ ଜୀବଜଗତ ଉପରେ ପ୍ରଭାବ ପଡୁଥିବା ଦେଖାଯାଇଛି । ଏହାକୁ ନିୟନ୍ତ୍ରଣ କରିବା ପାଇଁ ବିଏମସି ପଲିଥିନ ବ୍ୟବହାର ନେଇ କଟକଣା ଜାରି କରିଛି । ଏଣିକି ଦୋକାନୀ **(ପୃଷ୍ଠା-୭)**

ଯିଏ ମୋତେ ଭକ୍ତିରେ ହାତ ଯୋଡିବ ମୁଁ ତା ପାଖକୁ ପହଞ୍ଚିବି ସେ ଯେଉଁଠି ଥାଉ ।

ହୁଣ୍ଡିର ଆୟ (୧୯.୧୧.୧୭)
୨,୪୬,୦୪୭

ଡିଜିଟାଲ ହେବ ସ୍ୱାସ୍ଥ୍ୟ ସେବା

- ■ ସିଡିଏସି ଓ ସରକାରଙ୍କ ମଧ୍ୟରେ ବୁଝାମଣାପତ୍ର
- ■ ରୋଗୀ କରିପାରିବେ ଅନଲାଇନ୍‌ରେ ପଂଜୀକରଣ
- ■ ମୋବାଇଲ ଆପ୍‌ରେ ମିଳିବ ରୋଗୀ ଓ ରୋଗର ସୂଚନା
- ■ ଏସ୍‌ସିବି, କ୍ୟାପିଟାଲ ହସ୍ପିଟାଲରେ ଆରମ୍ଭ ହେବ

ଭୁବନେଶ୍ୱର, ୧୯।୧(ସକାଳଖବର): ରାଜ୍ୟରେ ସ୍ୱାସ୍ଥ୍ୟସେବାକୁ ଅତି ସରଳ ଓ ସହଜ କରିବା ପାଇଁ ଓଡିଶା ଇ-ହସ୍ପିଟାଲ ମ୍ୟାନେଜମେଂଟ ଇନଫରମେସନ୍ ସିଷ୍ଟମ (ଓଇଏଚଏମଆଇଏସ୍) ପ୍ରଚଳନ ନିମନ୍ତେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି। ଦିଲ୍ଲୀର ନୋଏଡା ସ୍ଥିତ ସେଂଟର ଫର ଡେଭଲପମେଂଟ ଅଫ୍ ଆଡଭାନ୍ସ କମ୍ପ୍ୟୁଟିଙ୍ଗ (ସିଡିଏସି) ଏବଂ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ବୁଝାମଣା ଅନୁଯାୟୀ ସିଡିଏସି ସଂସ୍ଥା ବୈଷୟିକ ସହାୟତା ପ୍ରଦାନ କରିବ ଏବଂ ଓଇଏଚଏମଆଇଏସ୍ ପ୍ରଥମ ପଯର୍ଯ୍ୟାୟରେ ପରୀକ୍ଷାମୂଳକ ଭାବେ କ୍ୟାପିଟାଲ ହସପିଟାଲ ଏବଂ ଏସସିବି ମେଡିକାଲ କଲେଜରେ କାର୍ଯ୍ୟକାରୀ କରାଯିବ । ପରବର୍ତ୍ତୀ ପର୍ଯ୍ୟାୟ ମାନଙ୍କରେ ରାଜ୍ୟର ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ଏହି ବ୍ୟବସ୍ଥା ଲାଗୁ କରାଯିବ ବୋଲଇ ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କହିଛନ୍ତି । ମୁଖ୍ୟମନ୍ତ୍ରୀ ତାଙ୍କ ଭାଷଣରେ କହିଥିଲେ ଯେ ରାଜ୍ୟ ସରକାରଙ୍କ ସମସ୍ତ କାର୍ଯ୍ୟକ୍ରମର ସୁଫଳ ଜନସାଧାରଣଙ୍କ ନିକଟରେ ପହଂଚାଇବା ନିମନ୍ତେ ସମସ୍ତ ସରକାରୀ ବିଭାଗ ଗୁଡିକୁ ସାମୁହିକ ପ୍ରଚେଷ୍ଟା, ସ୍ୱଚ୍ଛତା ଓ ପ୍ରଯୁକ୍ତି ବିଦ୍ୟାର ଉପଯୋଗ ଉପରେ ଗୁରୁତ୍ୱ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି କ୍ରମରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ଉପଯୋଗକୁ ବହୁଳ ଭାବେ କାର୍ଯ୍ୟକାରୀ କରିବା ପାଇଁ ପ୍ରୟାସ କରାଯାଇଛି। ଜନସାଧାରଣଙ୍କୁ ପ୍ରଦାନ କରାଯାଉଥିବା ସ୍ୱାସ୍ଥ୍ୟସେବା ସୁବିଧା ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ ସହିତ ସ୍ୱାସ୍ଥ୍ୟ ସେବାର ମାନ ବୃଦ୍ଧି ନିମନ୍ତେ ବିଭାଗ ପକ୍ଷରୁ ଇ-ନିରାମୟ , ଇ-ବ୍ଲଡ୍ ବ୍ୟାଙ୍କ ଓ ଇ-ଭିଆଇଏନ୍ ର ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ପ୍ରତାପ ଜେନା କହିଥିଲେ ଯେ ଟେକ୍ନୋଲୋଜିକୁ ବ୍ୟବହାର କରି ଜନସାଧାରଣଙ୍କୁ କିପରି ଅଧିକରରୁ ଅଧିକ ସେବା ଯୋଗାଇ ଦିଆଯାଇପାରିବ ଏହା ହେଉଛି ତାର ପ୍ରମାଣ । ପ୍ରଥମ ପର୍ଯ୍ୟାୟରେ ଏହି ବ୍ୟବସ୍ଥାର ପ୍ରଚଳନ ପାଇଁ ୧୫ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ଏହାର ପ୍ରକ୍ରିୟା କାର୍ଯ୍ୟ ଶେଷ ହୋଇଛି । ଖୁବ୍ ଶୀଘ୍ର ଏହା ଆରମ୍ଭ **(ପୃଷ୍ଠା-୭)**

ଏଲଓସିରେ ପାକିସ୍ତାନର ଗୁଳିମାଡ

ହାଇ ଆଲର୍ଟ ଜାରି, ଭାରତ ଦେଲା ଜବାବ

ଶ୍ରୀନଗର,୧୯।୧: ଭାରତ-ପାକିସ୍ତାନ ସୀମାରେ ଏବେ ଉତ୍ତେଜନା ଚରମରେ ପହଞ୍ଚି ଯାଇଛି । ପାକିସ୍ତାନ ପକ୍ଷରୁ କାଠୁଆ ସେକ୍ଟରକୁ ଛାଡି ସୀମାର ବାକି ସବୁ ଜାଗାରେ ଗୁଳିମାଡ଼ କରାଯାଉଛି । ସୂତ୍ର ମୁତାବକ ଲଗାତାର ହେଉଥିବା ଗୁଳିମାଡ ଦ୍ୱାରା ଅନ୍ତରାଷ୍ଟ୍ରୀୟ ସୀମା ଏବଂ ଏଲଓସିରେ ହାଇ ଆଲର୍ଟ ଜାରି କରାଯାଇଛି । ସୀମାବର୍ତ୍ତୀ ଇଲାକାରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ଜାଗାକୁ ସ୍ଥାନାନ୍ତର କରାଯାଉଛି । ପାକିସ୍ତାନର ଗୁଳିମାଡ଼ରେ ସୁନ୍ଦରବନୀରେ ମୃତୟନ ଜଣେ ବିଏସଏଫ ଯବାନ ଲାନ୍ସ ନାୟକ ସହିଦ ହୋଇଛନ୍ତି । ଗୁଇନ୍ଦା ବିଭାଗ ସୂତ୍ର ମୁତାବକ ଆତଙ୍କୀ ଅନୁପ୍ରବେଶ କରାଇବାରେ ବିଫଳ ହେବା ପରେ ପାକିସ୍ତାନ ଏବେ ଅନ୍ତରାଷ୍ଟ୍ରୀୟ ସୀମାରେ ଗୁଳିମାଡ କରୁଛି । ଏଲଓସିରେ ସୁରକ୍ଷା ବଳଙ୍କ କଡ଼ା ନଜର କାରଣରୁ ଜାମ୍ମୁର ଅନ୍ତରାଷ୍ଟ୍ରୀୟ ସୀମାରେ ଲଞ୍ଚିଂ ପ୍ୟାଡରେ ଉପସ୍ଥିତ ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଇବା ପାଇଁ ପାକିସ୍ତାନ **(ପୃଷ୍ଠା-୭)**

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick